# Akashvani, Sambalpur

## SAMBALPURI NEWS MORNING BULLETIN

## 23 May 2026 - 6.47- 6.52 am.

---

ରୋଜ୍‌ଗାର୍ ମେଳା ଏନ୍‌ଏସ୍‌ଡି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆଭାସୀ ଜରିଏ ୧୯ ନମ୍ବର୍ ରୋଜ୍‌ଗାର୍ ମେଳାଥି କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍ ଆଉ ସଂସ୍ଥା ନ ନୂଆଁକରି ନିଯୁକ୍ତି ପାଇଥିବା ୫୧ ହଜାର୍‌ନୁ ଅଏତ୍‌କା ଯୁଆନ୍ ପିଲା ଟୁକେଲ୍‌ଙ୍କୁ ନିଯୁକ୍ତି ପତ୍ର ବାଂଟ୍‌ବେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନିଯୁକ୍ତି ପାଇଥିବା ପିଲାଟୁକେଲ୍‌ଙ୍କୁ ସମ୍ବୋଧନ୍ ଭିଲ୍ କର୍‌ବେ । ଦେଶର୍ ୪୭ ଟା ଜାଗା ନ ଇ ରୋଜ୍‌ଗାର୍ ମେଲା ଆୟୋଜନ୍ କରାଯାଇଥିବାର୍ ବେଲେ ସମ୍ବଲ୍‌ପୁର୍‌ର ଗଙ୍ଗାଧର୍ ମେହେର୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ନ ରୋଜଗାର ମେଳା ଆୟୋଜନ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଏବ୍‌ତକ୍ ଦେଶେ ଆୟୋଜିତ୍

ହେଇଥିବା ୧୮ ଟା ରୋଜ୍‌ଗାର୍ ମେଳା ଜରିଏ ପାଖାପାଖି ୧୨ ଲାଖ୍ ନିଯୁକ୍ତି ପତ୍ର ବଂଟାଯାଇସାରିଛେ ।

ଅଗ୍ନି-୧        ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଲେଶ୍ୱର୍ ଚାନ୍ଦିପୁର୍ ଆଇଟିଆର୍ ଠାନେ ସ୍ୱଳ୍ପଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଅଗ୍ନି-୧ ର ଗଲାକାଏଲ୍ ସଫଳ ପରୀକ୍ଷଣ୍ ହେଇଛେ । ଗଲା ସଞ୍ଜ୍‌ବେଲେ ଚାନ୍ଦିପୁର୍ ଆଇଟିଆର୍‌ର ୪ ନମ୍ବର୍ ଲଂଚ୍ ପେଡ୍‌ନୁ ଇତାର୍ ପରୀକ୍ଷଣ୍ କରାଯାଇଥିଲା । ଇ ପରୀକ୍ଷଣ୍ କ୍ଷେପଣାସ୍ତ୍ର ପ୍ରଣାଳୀର ସବୁ ପ୍ରମୁଖ କାର୍ଯ୍ୟକ୍ଷମ, ବୈଷୟିକ ପାରାମିଟର୍‌କେ ସଫଳତାର୍ ସହେତେ ହାସଲ୍ କରିଛେ । ଭୂପୃଷ୍ଠନୁ -ଭୂପୃଷ୍ଠକେ ନିକ୍ଷେପ୍ କରାଯାଇପାରୁଥିବା ଇ କ୍ଷେପଣାସ୍ତ୍ରର୍ ଲକ୍ଷ୍ୟଭେଦ କ୍ଷମତା ୭ ଶହ ନୁ ୯ ଶହ କିଲୋମିଟର୍‌ତକ୍ ରହିଛେ । ଇଟା ୧ ହଜାର୍ କେଜିତକ୍ ପାରମ୍ପାରିକ୍ ଆଉ ପରମାଣୁ ଯୁଦ୍ଧାସ୍ତ୍ର ବହନ୍ କରିପାର୍‌ବା ।

ରାଜସ୍ୱ ସଚିବ-ସର୍କିଟ୍ ହାଉସ        ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ ଭିନ୍ ଭିନ୍ ସର୍କିଟ୍ ହାଉସ୍ ମାନ୍କର୍ ପରିଚାଲନା ବାବ୍ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅରବିନ୍ଦ ପାଢ଼ୀ ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍‌ଥି ସର୍କିଟ୍ ହାଉସ୍ ମାନ୍କର୍ ସୁପରିଚାଳନା, ଦେଖ୍‌ରେଖ୍ ଆଉ ଉନ୍ନତ୍ ସେବା ସୁନିଶ୍ଚିତ୍ କର୍‌ବାର୍ ଲାଗି ଡକ୍ଟର୍ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ । ସର୍କିଟ୍ ହାଉସ୍ ମାନ୍କେ ସରକାରୀ ସମ୍ପତିକେ ଠିକ୍ ହିସାବେ ସୁରକ୍ଷିତ୍ ରଖ୍‌ବାର୍ ସହେତେ ସେବାକେ ଅଏତ୍‌କା ସ୍ୱଚ୍ଛ ଆଉ ବ୍ୟବସ୍ଥିତ୍ କର୍‌ବାର୍ ଉପ୍ରେ ରାଜସ୍ୱ ସଚିବ ଡକ୍ଟର୍ ପାଢ଼ୀ ଜୋର୍ ଦେଇଛନ୍ । ଇତାର୍‌ସହେତେ ସର୍କିଟ୍ ହାଉସ୍‌ମାନ୍କେ ଧୂମ୍ରପାନ ଆଉ ମାଦକ ଦ୍ରବ୍ୟ ପୁରାପୁରି ନିଷେଧ୍ ଲାଗି ନିର୍ଦ୍ଦେଶ୍‌ନାମା ଜରି କରାଯାଇଛେ ।

ହସ୍ତତନ୍ତ ହବ୍ ଆଇ ଆଣ୍ଡ୍ ପି.ଆର୍

ରାଜ୍ୟର୍ କଟକ୍, ବର୍‌ଗଡ଼୍ ଆଉ ଯାଜ୍‌ପୁର୍ ଜିଲ୍ଲା ନ ହସ୍ତତନ୍ତ ହବ୍ ଆଉ ପାର୍କ ପ୍ରତିଷ୍ଠା ବାବ୍ଦେ ଭୁବ୍‌ନେଶ୍ୱର୍ ନ ଗୁଟେ ଉଚ୍ଚାଦର୍‌ଜାର୍ ବୈଠକ୍ ଗଲାକାଏଲ୍ ହେଇଯାଇଛେ । ନିର୍ମାଣ୍ ବିଭାଗ୍ ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ

ବୈଠକ୍‌ଥି ୩ ଟା ଜିଲ୍ଲା ନ ହସ୍ତତନ୍ତ ହବ୍ ଆଉ ପାର୍କ ପ୍ରତିଷ୍ଠା ନେଇକରି ଆଲୋଚନା ହେଇଥିଲା । ବରଗଡ଼୍ ଜିଲ୍ଲା ନ ୨୦ କୋଟି ଟଙ୍କା ଖର୍ଚ୍ଚାଥି ହସ୍ତତନ୍ତ ଆଉ ପୋଷାକ ପାର୍କ ପ୍ରତିଷ୍ଠା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯାଇଛେ ।

ରାଜସ୍ୱମନ୍ତ୍ରୀ- ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ସୁନ୍ଦର୍‌ଗଡ଼୍ ଠାନେ ଜିଲ୍ଲାର୍ ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ଅଗ୍ରଗତି ବାବ୍‌ଦେ ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ସମୀକ୍ଷା କରିଛନ୍ । ବୈଠକ୍‌ଥି ରାଜସ୍ୱ ପ୍ରଶାସନ୍, ସ୍ୱାସ୍ଥ୍ୟ ସେବା, ଶିକ୍ଷା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ଉନ୍ନୟନ୍ ଆଉ ଲୋକ୍‌ମାନ୍‌କୁ ମିଲୁଥିବା ସର୍‌କାରୀ ସେବାର୍ ସ୍ଥିତି ବାବ୍‌ଦେ ଆଲୋଚନା କରାଯାଇଥିଲା । ଭିନ୍ ଭିନ୍ ବିଭାଗ୍‌ର ବିକାଶ୍‌ମୂଲକ୍ ପଦକ୍ଷେପ୍ ମାନ୍‌କୁ ତୁର୍‌ତି କର୍‌ବାର୍, ଲୁକ୍‌କର୍ ସମସ୍ୟାକେ ଗୁରୁତ୍ୱର୍ ସହେତେ ନେବାର୍ ଆଉ ଲୋକ୍‌ମାନେ ଯେନ୍ତା ସର୍‌କାରୀ ଯୋଜ୍‌ନାର୍ ସୁଫଲ୍ ପାଇପାର୍‌ବେ ସେଥିର୍‌ଲାଗି ତୁର୍‌ତି କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ଅଧିକାରୀମାନ୍‌କୁ ପରାମର୍ଶ ଦେଇଥିଲେ ।

ଓଡ଼ିଶା ପ୍ରତ୍ନତତ୍ୱ-ବୁଝାମଣାପତ୍ର ଆଇ ଆଣ୍ଡ୍ ପି.ଆର୍

ଭୁବନେଶ୍ୱର୍ ଠାନେ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ୱ ବିଭାଗ୍, ଆଇଆଇଟି ଖଡ଼ଗ୍ପୁର୍ ଆଉ ଭୋପାଲ୍ର ସ୍କୁଲ୍ ଅଫ୍ ପ୍ଲାନିଂ ଏଣ୍ଡ୍ ଆର୍କିଟେକ୍ଚର୍ ଭିତ୍ରେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଯାଇଛେ । ଓଡ଼ିଶାର୍ ପ୍ରମୁଖ ଐତିହ୍ୟ କିର୍ତିରାଜି, ସ୍ଥାପତ୍ୟ, ମନ୍ଦିର୍ ଆଉ ଐତିହାସିକ୍ ଜାଗା ମାନ୍କର୍ ସଂରକ୍ଷଣ୍ କର୍ବାର୍ ଲାଗି ଇ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଓଡ଼ିଶା ନ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ୍ ଅଧୀନ୍ଥି ଥିବା ପାଖାପାଖି ୮୨ ଆଉ ରାଜ ପ୍ରତ୍ନତତ୍ୱ ବିଭାଗ୍ର ଅଧୀନ୍ଥି ଥିବା ପାଖାପାଖି ୨ ଶହ ୧୨ ଟା ଐତିହ୍ୟ କିର୍ତିରାଜିର୍ ବିକାଶ୍ ଦିଗେ ଇ ବୁଝାମଣା ବଡ଼ ପଦକ୍ଷେପ୍ ହେବା ବଲି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଐତିହ୍ୟ ଆଉ ସ୍ଥାପତ୍ୟର୍ ସଂରକ୍ଷଣ୍ କ୍ଷେତ୍ର ନ ଆଇଆଇଟି ଖଡ଼ଗ୍ପୁର୍ ଠାନେ ଇଂଟର୍ଣ୍ଣସିପ୍ କରବାର୍ ଲାଗି ଓଡ଼ିଶାର୍ ୧୦ ଝନ୍ ଛାତ୍ରଛାତ୍ରୀଙ୍କୁ ସୁଯୋଗ୍ ମିଲ୍ବା ବଲି ଘୋଷ୍ନା କରାଯାଇଛେ ।

ଏସ.ଆଇ.ଆର୍ -ସର୍ବଦଳୀୟ ବୈଠକ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ.ଆଇ.ଆର୍ ବାବଦ୍ ଗୁଟେ ସର୍ବଦଳୀୟ ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଗୌରବ୍ ଶିୱାଜୀ ଇସଲ୍ୱାର୍ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ବୈଠକ୍ଥି ବିଜେପି, କଂଗ୍ରେସ୍ ଆଉ ବିଜେଡ଼ିର ପ୍ରତିନିଧି ମାନେ ଆଲୋଚନାଥି ଭାଗ୍ ନେଇଥିଲେ । ସ୍ୱତନ୍ତ୍ର ସଘନ ସଂଶୋଧନ୍- ୨୦୨୬ ଯେନ୍ତା ସୁରୁଖୁରୁଥି ହେଇପାର୍ବା ସେଦିଗେ ଖାସ୍ ଧ୍ୟାନ୍ ଦେବାର୍କେ ଜିଲ୍ଲାପାଲ୍ ପରାମର୍ଶ ଦେଇଥିଲେ ।

ବଲାଙ୍ଗିର୍ ଧାନ୍ ଘିନା ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ଜିଲ୍ଲା ପାଟଣାଗଡ଼୍ ଉପଖଣ୍ଡ ନ ଆର୍ଏମ୍ସି ତର୍ଫୁ ଡାଲୁଆ ଧାନ୍ଘିନା ବାବ୍ଦେ ଚାଷୀମାନ୍କୁ ସଚେତନ୍ କର୍ବାର୍ ଲାଗି ଗୁଟେ ସଚେତନତା ରଥର୍ ଆରମ୍ଭ୍ କରାଯାଇଛେ । ଇ ସଚେତନତା ରଥର ଶୁଭାରମ୍ଭ କରିକରି ଉପଜିଲ୍ଲାପାଲ୍ ସୁନୀଲ୍ ମେହେର୍ କହିଛନ୍, ୨୬ ଟା ପେକ୍ସ ଜରିଏ ରବି ଧାନ୍ ଘିନା ଆଏବା

୨୫ ତାରିଖ୍ ମୁଲ୍ ହେବା ଆଉ କ୍ୱିଂଟାଲ୍ ପିଛା ୩ ହଜାର୍ ଶହେ ଟଙ୍କା ଧାରିଜ୍ କରାଯାଇଛେ ।

ବିଶ୍ୱ କଇଁଛ ଦିବସ୍          ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ହେଉଛେ ବିଶ୍ୱ କଇଁଛ ଦିବସ୍ । କେଁଛୋ ମାନ୍‌କର୍ ସୁରକ୍ଷା ବିଷେଥି ଲୁକ୍‌କୁ ସଚେତନ୍ କର୍‌ବାର୍‌କେ ଗଲା ୨୦୦୦ ମସିହାନୁ ଆମେରିକାନ୍ ଟର୍ଟଏଜ୍ ସଂଗଠନ୍  ତର୍‌ଫୁ ଫି ବଛର୍ ମେ ମାସର୍ ୨୩ ତାରିଖ୍‌କେ ବିଶ୍ୱ କଇଁଛ ଦିବସ୍ ଭାବେ ପାଲନ୍ କରାଯାଉଛେ । ସାରା ପୁର୍‌ଥି ନ ୩ ଶହ ପ୍ରଜାତିର କେଛୋ ଥିବାର୍ ବେଲେ ସେଥୁ କେତେ ପ୍ରଜାତି ଲୋପ୍ ପାଇଯାଇଥିବାର୍ ବେଲେ ଆଉ କେତେଟା ପ୍ରଜାତି ସଙ୍କଟ୍‌ଥି ଅଛନ୍ । ସମୁଦ୍ର ଆର୍ ନଦୀର୍ ପ୍ରଦୂଷଣ୍ ଲାଗି କେଛୋ ସଂଖ୍ୟା କମ୍‌ବାର୍ ଗୁଟେ ବଡ଼ କାରଣ୍ ଆଏ ବଲି କୁହାଯାଉଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଲଘୁଚାପ୍ ଲାଗି ଆଏବା ହପ୍ତାଥି ବର୍ଷା ହେଇପାରେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ଆଉ ଇତାର୍ ଆଘର୍‌ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଲୟ ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ନ ଆଏବା ୨୮ ଆଉ ୨୯ ତାରିଖ୍ ବେଲ୍‌କେ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ରାଏଜେ ଜବର୍ ତାତି ଆଉ ଗୁଳଗୁଳି ହେଉଥିବାର୍ ବେଲେ ଆଏବା ୨୭ ତାରିଖ୍‌ତକ୍ ଏନ୍ତା ଗରମ୍ ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ ।